# ତହସିଲଦାରଙ୍କ କାର୍ଯ୍ୟାଳୟ, ମୁନିଗୁଡା

## ଦୀର୍ଘ ମିଆଦି ଲୀଜ ନିମନ୍ତେ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା ୯୬୯୮ /୨୦୨୦ ତା. ୨୦.୦୬.୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମୁନିଗୁଡା ତହସିଲ ଅନ୍ତର୍ଗତ ସୌରାତ ଉତ୍ସଗୁଡିକୁ ଦୀର୍ଘ ମିଆଦି ଲୀଜ ସୂତ୍ରେ ଓଡିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ **(OMMC Rules 2016)** ମୁତାବକ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା, ବିଜ୍ଞାପନ, ସର୍ତ୍ତାବଳି, ସୌରାତ ଉତ୍ସଗୁଡିକର ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.rayagada.nic.in ରେ ଉପଲବ୍ଧ କରାଯାଇଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ବିଜ୍ଞାପନରେ ଦର୍ଶଯାଇଥିବା **Form – M** ତିନିକିତା ନକଲ ପୂରଣ କରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ବାକ୍ସ (Drop Box) ରେ ଦତ୍ତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ତହସିଲଦାର, ମୁନିଗୁଡା

Scanned with CamScanner

# ତହସିଲଦାରଙ୍କ କାର୍ଯ୍ୟାଳୟ, ମୁନିଗୁଡା

## ଦୀର୍ଘ ମିଆଦି ଲୀଜ ନିମନ୍ତେ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା ୧୬୧୮ /୨୦୨୦ ତା. ୨୦.୦୬.୨୦୨୦

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ଲଘୁ ଖଣିଜ ଦ୍ରବ୍ୟରିହାତି ନିୟମାବଳୀ ୨୦୧୬ ଆନୁଯାଇଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ତ ମୁନିଗୁଡା ତହସିଲ ଅନ୍ତର୍ଗତରେ ଥିବା ନିମ୍ନଲିଖିତ ସୌରାତ ଉତ୍ସଗୁଡିକୁ( ଲଘୁ ଖଣିଜ ଦ୍ରବ୍ୟ ) ଦୀର୍ଘ ମିଆଦି ଲୀଜ ସୂତ୍ରେ ଓଡିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ (OMMC Rules 2016) ମୁତାବକ **ପାଞ୍ଚ ବର୍ଷ** ପର୍ଯ୍ୟନ୍ତ ଦିଆଯିବ। ଇଚ୍ଛୁକ ବ୍ୟକ୍ତି (OMMC Rules 2016) ରେ ଦର୍ଶାଯାଇଥିବା Form – M ତିନିକିତା ନକଲ ପୂରଣ କରି ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର କାର୍ଯ୍ୟାଳୟରେ ଥିବା ବାକ୍ସ (Drop Box) ରେ ଆସନ୍ତା ତା. ୨୪.୦୬.୨୦୨୦ଠାରୁ ତା.୧୩.୦୭.୨୦୨୦ ରଖ (ଛୁଟି ଦିନ ବ୍ୟତୀତ) ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ପକାଇ ପାରିବେ । ନିର୍ଦ୍ଧାରିତ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । (ଲଫାପା ଉପରେ ସୌରାତ ଉତ୍ସର ନାମ ଓ ସୌରାତ କେସ ସଂଖ୍ୟା ଲେଖାଥିବା ଆବଶ୍ୟକ)। ଦରଖାସ୍ତ ଆହ୍ୱାନ ଶେଷ ତାରିଖ ପରଦିନ ଅର୍ଥାତ୍ ତା.୧୪.୦.୦୭.୨୦୨୦ ରିଖ ଦିବା ୧୧ ଘଟିକା ସମୟରେ ଦରଖାସ୍ତକାରୀ ନିଜେ କିମ୍ବା କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକୁ ମୁନିଗୁଡା ତହସିଲ କାର୍ଯ୍ୟାଳୟରେ ଯାଞ୍ଚ କରାଯିବ। ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ କିମ୍ବା ଏଥିପାଇ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । କୌଣସି କାରଣ ନ ଦର୍ଶାଇ ନୀଲମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ ରାୟଗଡାଙ୍କ ରହିଅଛି।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ**

୧. ଦରଖାସ୍ତ ପାଉଣା ବାବଦ ଟ, ୧୦୦୦ ଙ୍କା (ଅଣଫେରସ୍ତ) ର ଟ୍ରେଜରୀ ଚାଲାଣ (Head of Account-0853-Non-Ferroys Metallurgical and Minerals Industries-102 –Mineral Concession Rent and Royalty)।

୨. ପ୍ରସ୍ତାବିତ ସୌରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

୩. ଏକ ବର୍ଷରେ ହେବାକୁଥିବା ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣର (ଏହି ବିଜ୍ଞପ୍ତିରେ ବର୍ଣ୍ଣିତ) royalty ଓ additional charges ର ସମତୁଲ୍ୟ ଅର୍ଥର 5% Earnest Money ଦାଖଲ କରିଥିବାର ପ୍ରମାଣ ପତ୍ର।

Scanned with CamScanner

ତୁଳନା ରେ କେତେ ସର୍ବୋଚ୍ଚ ମୂଲ୍ୟର ଦେୟ (Additional Charge) ଦେବାକୁ ଚାହୁଁଛନ୍ତି ତାହା ଉଲ୍ଲେଖ କରିବେ।

**ବିଶେଷ ସର୍ତ୍ତାବଳୀ**

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ ।

୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ ସର୍ବୋଚ୍ଚ **additional charge** (ଯାହା ROYALTY ର **7%** ରୁ ଉର୍ଦ୍ଧ ହେବ) ଉଲ୍ଲେଖ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନ କରାଯିବ ।

୩. ଲିଜଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର ୭ ଦିନ ମଧ୍ୟରେ Demand Draft କିମ୍ବା ନଗଦ ଆକାରରେ ସମ୍ପୃକ୍ତ ତହସିଲଦାର ନିକଟରେ ଦାଖଲ କରିବେ ।

୪. ଲିଜଧାରୀ ଏକ ବର୍ଷରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ହେବାକୁଥିବା royalty ଓ additional charges ଓ Environmental Management Fundର ସମତୁଲ୍ୟ ଅର୍ଥର ଏକ ଚତୁର୍ଥାଂଶ (ଅମାନତ ଅର୍ଥକୁ ବାଦ ଦେଇ) Form F ରେ ସୂଚନା ପାଇବାର ୧୫ ଦିନ ମଧ୍ୟରେ ଦାଖଲ କରିବେ ଯାହାକି ସୁଧମୁକ୍ତ ଜମାନତ ଭାବେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଲୀଜ ଅବଧିର ପରିସମାପ୍ତ ପର୍ଯ୍ୟନ୍ତ ରହିବ।

୫. ଲିଜଧାରୀ ମାଇନିଙ୍ଗ ପ୍ଲାନ ତଥା ପରିବେଶ ମଞ୍ଜୁରୀ ପାଇଁ ପ୍ରସ୍ତୁତ ହୋଇଥିବା ଅର୍ଥ ପୈଠ କରିବେ।

୬. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରୟାଲିଟି ଓ ସର୍ବୋଚ୍ଚ **additional charge** ମୂଲ୍ୟକୁ ଗୁଣନ କରି ସମ୍ପୃକ୍ତ ଅର୍ଥକୁ ତ୍ରୟ ମାସିକ ଭିତ୍ତିରେ ପୈଠ କରିବେ ଏବଂ ପ୍ରଥମ କିସ୍ତି ପୈଠ ହେଲାପରେ ରେଜିଷ୍ଟ୍ରେସନ

Scanned with CamScanner

ଆକ୍ଟ-୧୯୦୮ ଓ ଷ୍ଟାମ୍ପ ଆକ୍ଟ -୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Lease Deed Form N ରେ) ସମ୍ପାଦନା କରିବେ।

୭. ଯଦି ରୟାଲିଟି ଓ ସର୍ବୋଚ୍ଚ additional charge ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହାହେଲେ ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୮. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ରୟାଲିଟି ଓ ସର୍ବୋଚ୍ଚ additional charge ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

୯. ନିଲାମଧାରୀମାନେ. OMMC Rules -2016 ର ସମସ୍ତ ସର୍ତ୍ତାବଳୀ ମନିବା ନିମନ୍ତେ ବାଧ୍ୟ ହେବେ ।

୧୦. ଦରଖାସ୍ତକାରୀ Mines Act -1952 ଏବଂ Explosive Act-1954 ର ସମସ୍ତ ନିୟମ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୧୧. ସମ୍ବାଦ ପତ୍ର ରେ ବିଜ୍ଞାପନ ପ୍ରକାଶ ପାଇଁ ସମସ୍ତ ଖର୍ଚ୍ଚ ସର୍ବୋଚ୍ଚ ସଫଳ ନିଲାମଧାରୀ ମାନେ ବହନ କରିବେ ।

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସୌରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ସୌରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ରେ ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଏବଂ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ତଥ୍ୟ www.rayagada.nic.in ରେ ଉପଲବ୍ଧ ରହିଅଛି । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହା ସଂଶୋଧନ କରିବାର କ୍ଷମତା ତହସିଲଦାରଙ୍କ ରହିଅଛି ।

**ନିଲାମ ସ୍ଥାନ ଧାର୍ଯ୍ୟ ତାରିଖ:- ତହସିଲ କାର୍ଯ୍ୟାଳୟ, ମୁନିଗୁଡା ତା.୧୪.୦୭.୨୦୨୦ ରଖ** ପୂର୍ବାହ୍ନ ୧୧.୦୦ ଘଟିକା ସମୟ । ନିଲାମ ତାରିଖ ଦିନ ଲିଜ ଦରଖାସ୍ତ କାରୀ କିମ୍ବା ତାଙ୍କ ପ୍ରତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ସୌରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ସଂପୂର୍ଣ୍ଣ ବିବରଣୀ ନିମ୍ନରେ ଦିଆଗଲା**

| କ୍ର. ନ | ସୌରାତ ଉତ୍ସର କେସ ସଂଖ୍ୟା | ସୌରାତ ଉତ୍ସ ଗୁଡିକର ନାମ | ରାଜସ୍ୱ ମୌଜା ର ନାମ | R.I ସର୍କଲର ନାମ | ଖାତା ସଂଖ୍ୟା | ପ୍ଲଟ ନଂ | ସୌରାତ ଉତ୍ସର ରକବା (ଏକକ ରେ ) | କିସମ | Minimum Guaranteed quantity to be lifted per annum (Cubic Meter) |
|---|---|---|---|---|---|---|---|---|---|
| ୧ | ୧୭/୨୦୧୩ | ଅନଯୋଡି ପଥର ଖଣ୍ଡାଦନ | ଅନଯୋଡି | ଆମ୍ବୋଦଳା | ୧୧ | ୧୩,୨୦,୯୨ | ୧୩.୯୧ | ପାହାଡ | ୧୩୯୨ Cum |
| ୨ | ୧୨/୨୦୧୩ | ସାନମୁଦ୍ରା ପଥର ଖାଦାନ | ସାନମୁଦ୍ରା | ଆମ୍ବୋଦଳା | ୯ | ୧ | ୪୨.୦୦ | ପାହାଡ | ୧୪୮୦ Cum |

Scanned with CamScanner

| | | | | | | | | | |
|---|---|---|---|---|---|---|---|---|---|
| ୩ | ୪୫/୨୦୧୪ | ବାଙ୍ଗନାଗାଁ ପଥର ଖାଦାନ | ବାଙ୍ଗନାଗାଁ | [illegible] | ୨୫ | ୨୪୩ | ୧୨.୦୦ | ପାହାଡ | ୨୫୦୦ Cum |
| ୪ | ୧୧/୨୦୧୫ | ଡେରାଗୁମ୍ମା ପଥର ଖାଦାନ | ଡେରାଗୁମ୍ମା | ଆମ୍ବୋଦଳା | ୧୪ | ୧୩୮ | ୫.୦୦ | ପାହାଡ | ୧୬୦୦ Cum |
| ୫ | ୧୨/୨୦୧୫ | ବାଇନିବସା ପଥର ଖାଦାନ | ବାଇନିବସା | ଟିକରପଡା | ୧୭ | ୬୦ | ୫୮.୭୫ | ପାହାଡ | ୧୪୫୦ Cum |
| ୬ | ୧୧/୨୦୧୭ | କଟୁବାଡି ପଥର ଖାଦାନ | କଟୁବାଡି | ଆମ୍ବୋଦଳା | ୧୮ | ୩୧ | ୦.୮୪ | ପାହାଡ | ୧୨୪୬ Cum |
| ୭ | ୧୨/୨୦୧୭ | ମଧୁମୁଣ୍ଡା ପଥର ଖାଦାନ | ମଧୁମୁଣ୍ଡା | ତେଲେଙ୍ଗାପଦର | ୪୨ | ୧୨୯ | ୩.୨୭ | ପାହାଡ | ୧୫୬୭ Cum |
| ୮ | ୧୦/୨୦୧୭ | ଲିଟିଗୁଡା ପଥର ଖାଦାନ | ଲିଟିଗୁଡା | ଟିକରପଡା | ୬୭ | ୨୭୪ | ୦.୩୩ | ପାହାଡ | ୧୧୨୩ Cum |
| ୯ | ୯/୨୦୧୭ | ଅସୁରପଡା ପଥର ଖାଦାନ | ଅସୁରପଡା | ଶିକପଦର | ୩୬ | ୧୯ | ୧.୩୧ | ପାହାଡ | ୧୩୮୫ Cum |
| ୧୦ | ୬/୨୦୧୭ | ପେଡିଗୁଡା ବାଲି ଘାଟ | ପେଡିଗୁଡା | ଆମ୍ବୋଦଳା | ୧୭ | ୧ | ୦.୩୫ | ନଦୀ | ୧୧୨୩ Cum |
| ୧୧ | ୫/୨୦୧୭ | ଝିଗିଡାବାଲି ଘାଟ | ଝିଗିଡି | ଆମ୍ବୋଦଳା | ୫ | ୫୫ ଓ ୬୦ | ୦.୬୦ ଓ ୧.୫୩ | ନଦୀ | ୧୨୮୬ Cum |
| ୧୨ | ୭/୨୦୧୭ | ପାଇକ ରାଣୀପିଣ୍ଡା ବାଲି ଘାଟ | ପାଇକ ରାଣୀପିଣ୍ଡା | ଆମ୍ବୋଦଳା | ୧୨ | ୪୩ | ୩.୭ | ନଦୀ | ୧୪୬୩ Cum |

ତହସିଲଦାର, ମୁନିଗୁଡା

ପରିପତ୍ର ସଂଖ୍ୟା ୧୬୨୦ /୨୦୨୦ ତାରିଖ: ୨୦.୦୬.୨୦୨୦

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକଙ୍କୁ ପ୍ରେରଣ କରାଗଲା ଏବ ସେମାନଙ୍କୁ ନିର୍ଦ୍ଦେଶ କରାଗଲା ଯେ ସେମାନେ ଏହି ବିଜ୍ଞାପନ ର ଏକକିତା ନକଲ ନିଜ ନିଜ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଲଟକାଇବେ ଓ ଅନ୍ୟ ଏକାକିତା ନକଲ ମଣ୍ଡଳର ସମସ୍ତ ଗ୍ରାମରେ ଧେଣ୍ଡୁରି ମାଧମରେ ବହୁଳ ଭାବରେ ପ୍ରଚାର କରି ତୃତୀୟ କିତା ନକଲ ରେ ସମସ୍ତ ବିବରଣୀ ଦର୍ଶାଇ ଏବଂ ସୌରାତ ଉସ ଗୁଡିକର ନକ୍ସା ତିଆରି କରି ନିମ୍ନ ସ୍ୱାକ୍ଷର କରି ଙ୍କୁ ଧାର୍ଯ୍ୟ ତାରିଖ ୧୫ ଦିନ ପୂର୍ବରୁ ପ୍ରେରଣ କରିବେ।

ତହସିଲଦାର, ମୁନିଗୁଡା

ପରିପତ୍ର ସଂଖ୍ୟା ୧୬୨୧ /୨୦୨୦ ତାରିଖ: ୨୦.୦୬.୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ, ରାୟଗଡା/ଉପ- ଜିଲ୍ଲାପାଳ, ଗୁଣୁପୁର/ଜିଲ୍ଲା ସୂଚନା ଓ ବିଜ୍ଞାନ ଅଧିକାରୀ, ରାୟଗଡା/ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ରାୟଗଡା/ଗୋଷ୍ଠି ଉନୟନ ଅଧିକାରୀ,ମୁନିଗୁଡା/ମୁନିଗୁଡା ପଞ୍ଚାୟତ ସମିତି ଅନ୍ତଗତ ସମସ୍ତ ପଞ୍ଚାୟତର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଗୋଚରାଥେ ଲଟକାଇବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର, ମୁନିଗୁଡା

Scanned with CamScanner